ସକାଳ
THE SAKALA



# ଆନ୍ଧ୍ରରେ ଦାଦନ ଖଟିବାକୁ ଯାଇଥିବା ଯୁବତୀଙ୍କ ମୃତ୍ୟୁ

ଗୁଣୁପୁର,୩୧।୫(ସମିସ):



ଆନ୍ଧ୍ରର ପଶ୍ଚିମ ଗୋଦାବରୀ ଜିଲ୍ଲା ଭିମାବରମ୍ ଗ୍ରାମରେ ଚିଙ୍ଗୁଡି ଫ୍ୟାକ୍ଟ୍ରି ନିକଟରେ ଝୁଲି ରହିଛି ଗୁଣୁପୁର ବ୍ଲକ୍ ଶଗଡା ଗ୍ରାମର ଯୁବତୀ ବିଲମା ଗମାଙ୍ଗ (୨୬) ଙ୍କ ମୃତଦେହ। ଲାଞ୍ଜିଆ ସୌରା ଜନଜାତି ଯୁବତୀ ଦୁଇବର୍ଷ ତଳେ ଦାଦନ ଶ୍ରମିକ ଭାବେ ଖଟିବାକୁ ଯାଇଥିଲେ। ଆଜି ଅପରାହ୍ନରେ ଶଗଡା ଗ୍ରାମର ମୃତ ଯୁବତୀଙ୍କ ଦୁଇ ଭାଇଙ୍କ ସହ ଗ୍ରାମବାସୀ ବିଲମା ଙ୍କ ମୃତଦେହକୁ ଗ୍ରାମରେ ପହଞ୍ଚାଇବା ପାଇଁ ପ୍ରଶାସନ ପାଖରେ ନିବେଦନ କରିଛନ୍ତି।। ମୃତକର ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ଗ୍ରାମରେ ଶବ ଆଣିବା ପାଇ ଡେପୁଟି କଲେକ୍ଟର ଜନ୍ ବଡ ଭୂଇଁଆଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ଶ୍ରମିକର ମୃତଦେହ ଆଣିବା ବ୍ୟବସ୍ଥା କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ସୂଚନା ଥାଉକି ବିଲମା ଗତ ଦୁଇବର୍ଷ

## ଶବକୁ ଫେରାଇ ଆଣିବା ପାଇଁ ପ୍ରଶାସନର ଦ୍ୱାରସ୍ଥ ପରିବାର

ତଳେ ଆନ୍ଧ୍ର ପଶ୍ଚିମ ଗୋଦାବରୀ ଜିଲ୍ଲାର ଭୀମାବରମ ଠାରେ ଥିବା ଜଗଦୀଶ ମେରୀ ନାମକ ଏକ ଚିଙ୍ଗୁଡି କମ୍ପାନୀରେ ଦାଦନ ଖଟିବାକୁ ଯାଇଥିଲେ। ଆଜି ସେଠାରେ ବିଲମା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଁ ସେଠାରେ କାମ କରୁଥିବା ଅନ୍ୟଜଣେ ଶ୍ରମିକ ମୃତକଙ୍କ ପରିବାରକୁ ଖବର ଦେଇଥିଲେ। ସୂଚନା ପାଇ ମୃତକଙ୍କ ଦୁଇଭାଇ ସୁରନ୍ତ ଗମାଙ୍ଗ, କାରନ୍ତା ଗମାଙ୍ଗ, ପୂର୍ବତନ ଜିଲ୍ଲା ପରିଷଦ ମାଥ୍ୟୁ ଦଳ ବେହେରା, ଯୁନେଶ ଶବର, ଗ୍ରାମବାସୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ କରିବା ସହ ଯୁବତୀଙ୍କ ମରଶରୀରକୁ ଆଣିବା ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି।

# ଦୁଇ କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟକ



କୁନ୍ଦୁରା, ୩୧।୫(ସମିସ): କୁନ୍ଦୁରା ବ୍ଲକ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କଲେ କୋଟପାଡ଼ ବିଧାୟକ ରୂପୁ ଭତ୍ରା। ସଦ୍ୟ ପ୍ରକାଶିତ ଯୁକ୍ତ ଦୁଇ କଳାରେ ୮୭ ପ୍ରତିଶତ ରଖିଥିବା ଆଇସା ପଟ୍ଟନାୟକ ଏବଂ ବିଜ୍ଞାନରେ ୭୧ ପ୍ରତିଶତ ରଖିଥିବା କ୍ରିଷ୍ଣା ଗୌଡ଼ଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। କୁନ୍ଦୁରା ଭଳି ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହି କୌଣସି ପ୍ରକାରର କୋଚିଂ ନନେଇ ପ୍ରଥମ ସ୍ଥାନ ଅଧିକାର କରିବା ନେଇ ଶୁଭେଚ୍ଛାର ସୁଅ ଛୁଟୁଛି। ପିଲାଦିନରୁ ଶିକ୍ଷା କ୍ଷେତ୍ରରେ ସବୁବେଳେ ଆଗୁଆ ରହିଥିବା ଆଇସା ସ୍ଥାନୀୟ ଓଡ଼ିଶା ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ୮୪ ପ୍ରତିଶତ ରଖି ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି କ୍ରିଷ୍ଣା ଗୌଡ଼ ମଧ୍ୟ ମାଟ୍ରିକ ପରୀକ୍ଷାରେ ପ୍ରଥମ ସ୍ଥାନରେ ରହି ଅଞ୍ଚଳ ପାଇଁ ଗୌରବ ଆଣିଥିଲେ। ଗରିବ ପରିବାରର ଝିଅ ହୋଇଥିବା ବେଳେ ଉଚ୍ଚ ଶିକ୍ଷା ପାଇଁ ବର୍ତ୍ତମାନ କୋଟପାଡ଼ ବିଧାୟକ ମଧ୍ୟ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। କ୍ରିଷ୍ଣା ଗୌଡ଼ଙ୍କ ଘର ଆମ୍ବଗୁଡା ଏବଂ ଆଇସା ପଟ୍ଟନାୟକଙ୍କ ଘର କୁନ୍ଦୁରା ସଦରକୁ ବିଧାୟକ ଯାଇ ଟପ୍ପରଙ୍କୁ ମିଠା ଖୁଆଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଏମ୍‌ପିଙ୍କ ଗ୍ରୀଭାନ୍ସ ପ୍ରତିନିଧି ପ୍ରକାଶ ପଟ୍ଟନାୟକ, ତୁଷାର ଭଟ୍ଟ, ଏସଆଇଆର ସଦସ୍ୟ ଅଭିଲାଷ ବେହେରା, ରବୀନ୍ଦ୍ର ଶତପଥୀ ଏବଂ କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ ଉପସ୍ଥିତ ଥିଲେ।

# ପାଣି ପାଇଁ ଡହଳବିକଳ ଗ୍ରାମବାସୀ

ପୋଡ଼ାଗଡ଼, ୩୧।୫(ସମସ): ଖରାର ତାପମାତ୍ରା ଯେତିକି ବଢୁଛି, ପାନୀୟ ଜଳ ସମସ୍ୟା ସେତିକି ବଢୁଛି । ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ଲୋକେ । ଝରଣା ପାଣି ପିଇ ଶୋଷ ମେଣ୍ଟାଉଛନ୍ତି ଗ୍ରାମବାସୀ। ଏଭଳି ସମସ୍ୟା ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ସ୍ଥିତ ବାଘଚେମା ଗାଁ ରେ କ୍ଷ ଦୁଇଟି ନଳକୂଅ ଦୁଇ ସାହିଁରେ ରହିଥିବା ବେଳେ କେବଳ ଗୋଟିଏ ସାହିଁର ନଳକୂଅ ହିଁ ସଚଳ ଅଛି । ତେବେ ଗ୍ରାମର ଜନସଂଖ୍ୟା ଅନୁଯାଇ ନଳକୂପ ନ ଥିବାରୁ ଗାଁ ପାଖ କୁଣ୍ଡି ବନ୍ଧା ଝରଣା ପାଣିକୁ ଗ୍ରାମବାସୀ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ବୁନ୍ଦେ ବୁନ୍ଦେ ଝରଣା ପାଣିକୁ ନେବା ପାଇଁ ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡା ହେବାକୁ ପଡୁଛି ବୋଲି ଗାଁ ଫୁଲ ଜାନି, କୁନି ଜାନି ଓ ଜୟନ୍ତୀ ଜାନି କହିଛନ୍ତି । ତେବେ ଦୀପତଳେ ଅନ୍ଧାର ସଦୃଶ୍ୟ ବ୍ଲକ କାର୍ଯ୍ୟାଳୟ ଠାରୁ ମାତ୍ର ୩ କିଲୋମିଟର ଦୂରରେ ଅବସ୍ଥିତ ଗାଁରେ ଯଦି ପାନୀୟଜଳ ସମସ୍ୟା, ତେବେ ବ୍ଲକ କାର୍ଯ୍ୟାଳୟ ଠାରୁ ଦୂରରେ ରହିଥିବା ଗାଁ ଗୁଡ଼ିକର ପାନୀୟ ଜଳ ସମସ୍ୟା କିଭଳି ରହିଥିବ ଏଥିରୁ ହିଁ ଅନୁମାନ କରିବାର କଥା। ଅନୁସୂଚିତ ଜନଜାତି ସମ୍ପ୍ରଦାୟର ୫୦ ଘର ରହିଥିବା ବେଳେ ଜନସଂଖ୍ୟା ପାଖାପାଖି ୨୦୦ ହେବ ଗାଁରେ ରହିଛି କେବଳ ଦୁଇଟି ନଳକୂଅ। ଗୋଟିଏ ନଳକୂଅରେ ଅଳ୍ପ ପାଣି ବାହାରୁଥିବା ବେଳେ ଅନ୍ୟ ନଳକୂଅରେ ଆଇରନ ପାଣି ବାହାରୁଛି ଯାହାକି ପିଇବା ପାଇଁ ପ୍ରଯୁଜ୍ୟ ନୁହେଁ । ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା କହିଛନ୍ତି ଗାଁର ଦର୍ଶନ ମୁଦୁଲି, ସୀମା ଜାନି, ଦାଶରଥି ମୁଦୁଲି ଓ ଡମ୍ବ ମୁଦୁଲି । ଅଧିକାରୀ ମାନେ ମେଘାପାନୀୟ ଜଳ ପ୍ରକଳ୍ପ କଥା କହି ଭଣ୍ଡାଉଥିବା ବେଳେ ଲୋକେ ଶୋଷ ମେଣ୍ଟାଇବାକୁ ନଦୀ ଓ ଝରଣା ପାଣିକୁ ହିଁ ଭରସା କରୁଛନ୍ତି । ତେବେ ମେଗା ପାନୀୟ ଜଳ ପ୍ରକଳ୍ପ କେବେ ଗାଁକୁ ଆସିବ, କେବେ ଗ୍ରାମବାସୀ ସ୍ୱଚ୍ଛପାନୀୟ ଜଳ ଟୋପେ ପାଇବେ । ତେଣୁ ବର୍ତମାନର ସମସ୍ୟାକୁ ବିଭାଗୀୟ ଅଧିକାରୀମାନେ କିଭଳି ସମାଧାନ କରିବେ ତାକୁହିଁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

# ସାମ୍ବାଦିକ ସଂଘ ପକ୍ଷରୁ ସପ୍ତେଶ୍ୱରଙ୍କୁ ସମ୍ବର୍ଦ୍ଧନା



ଟିକିରି,୩୧।୫(ସମିସ): ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଓପିଏସଇ ଉତ୍ତୀର୍ଣ୍ଣ ସପ୍ତେଶ୍ୱର ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଟିକିରି ସ୍ଥିତ ରାଜସ୍ୱ ବଙ୍ଗଳା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ଆଲୁମିନା ୟୁନିଟ ହେଡ୍ ତଥା ସଭାପତି ରବି ନାରାୟଣମିଶ୍ର ମୁଖ୍ୟ ଅତିଥି ଏବଂ ସମାଜସେବୀ ହର ପ୍ରସାଦ ନାୟକ, ଅମର ଖୋସଲା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ପ୍ରତିଭା ସପ୍ତେଶ୍ୱର ଏବଂ ତାଙ୍କ ମାଆ ସୁଦର୍ଶନୀଙ୍କୁ ଫୁଲ ତୋଡ଼ା, ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଓପିଏସଇଭଳି ସମ୍ମାନ ଜନକ ପରୀକ୍ଷାରେ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଥିବା ସପ୍ତେଶ୍ୱରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କାମନା କରାଯାଇଥିଲା। ସେହିପରି ଅଞ୍ଚଳ ପାଇଁ ସେରୋଲ ମଡେଲ ହେବାକୁ ଆଶା ପୋଷଣ କରିଥିଲେ। ଏହି ସଫଳତା ପାଇଁ ପିତାମାତା, ଗୁରୁଜନ ଏବଂ ଶୁଭେଚ୍ଛୁଙ୍କୁ ଶ୍ରେୟ ଦେବା ସହିତପ୍ରତିଯୋଗୀ ମାନେ କଠିନ ପରିଶ୍ରମ କରି ଲକ୍ଷ୍ୟପକ୍ଷରେ ଅଗ୍ରସର ହେବାକୁ ଶ୍ରୀ ନାଏକ ପରାମର୍ଶ ଦେଇଥିଲେ। ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପୁଅର ଅଭିଳାଷ ପୂରଣ କରିଥିବାର ମା' ସୁଦର୍ଶନୀ ମତ ରଖିଥିଲେ। ମୁଖ୍ୟ ଅତିଥି କାର୍ଯ୍ୟ ବ୍ୟସ୍ତତାରେ ଥାଇ ମଧ୍ୟ ଏହି କାର୍ଯ୍ୟକ୍ରମ ପାଇଁ ସମୟ ଦେଇଥିବାରୁ ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମହେନ୍ଦ୍ର କୁମାର ସ୍ୱାଇଁ, କ୍ଷମା ସାଗର ନାଏକ, ଡମ୍ବରୁ ଧର ବେହେରା, ହୃଷିକେଶ ସାହୁ, ଉପେନ୍ଦ୍ର ନାଏକ, ଆକାଶ ନାଏକ, ବିକାଶ ଦୁରିଆ, ରତ୍ନାକର ନାଏକ ପ୍ରମୁଖ ସାମ୍ବାଦିକ ପରିଚାଳନା କରିଥିଲେ। ଚିନ୍ମୟ ନାଏକ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

# ରଘୁବାରୀ ଗ୍ରାମପଞ୍ଚାୟତସ୍ତରୀୟ ଆଦିବାସୀ ସମାଜ ବୈଠକ



ମୁନିଗୁଡା, ୩୧।୫(ସମିସ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ରଘୁବାରୀ ଗ୍ରାମପଞ୍ଚାୟତର ପାଲକାପଡା ଠାରେ ଗ୍ରାମପଞ୍ଚାୟତ ସ୍ତରୀୟ ଆଦିବାସୀ ସମାଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁନିଗୁଡା ଆଦିବାସୀ ସମାଜର ସଭାପତି ଜଗନ୍ନାଥ ନୁଣ୍ଡୁରୁକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଏକତା, ଶିକ୍ଷାର ପ୍ରସାର ଏବଂ ସାମାଜିକ ସଂଗଠନର ଗୁରୁତ୍ୱ ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ରାମନାଥ ନୁଣ୍ଡୁରୁକା,ଅରୁଣ ମାଝୀ ଓ ରଘୁବାରୀ ସରପଞ୍ଚ ନାଉଙ୍ଗା ମାଝୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଲିଟୁ ମାଝୀ ସଭାପତିତ୍ୱ କରିଥିବା ବେଳେ ବୈଠକରେ ରାଓ ମାଝୀ, ଶେଖର ମାଝୀ, ଗୋବିନ୍ଦ ମାଝୀ, ଜିତୁ ମାଝୀ, ସୁମନ ମାଝୀ, ଲକ୍ଷ୍ମଣ ମାଝୀଙ୍କ ସମେତ ବହୁ ଆଦିବାସୀ ସମାଜ କର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।"ବୈଠକରେ ମଦ୍ୟପାନ ନିୟନ୍ତ୍ରଣ, ଶିକ୍ଷାର ପ୍ରସାର, ଅନ୍ଧବିଶ୍ୱାସ ଦୂରୀକରଣ, ଆଧୁନିକ କୃଷି ପଦ୍ଧତିର ପ୍ରଚାର ଓ ପ୍ରସାର ଏବଂ ସମାଜ ସଂଗଠନକୁ ସୁଦୃଢ଼ କରିବା ପାଇଁ ଗ୍ରାମ କମିଟି ଓ ଗ୍ରାମପଞ୍ଚାୟତ କମିଟି ଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମାଜର ସର୍ବାଙ୍ଗୀଣ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ସଚେତନତା ଆବଶ୍ୟକ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଶେଷରେ ରାହୁଲ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକଟି ସଫଳତାର ସହ ଶେଷ ହୋଇଥିଲା।

# ପ୍ରଚଣ୍ଡ ଗ୍ରୀଷ୍ମରେ ଏମ୍‌ଭି-୭୯ରେ ନାହିଁ ଜଳଛତ୍ର

ଏମିଭି-୭୯ (ସମିସ) ୩୧।୫:



## ପାନୀୟ ଜଳ ପଏଣ୍ଟ ଅଚଳ

ଏପ୍ରିଲ ମାସରୁ ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ତଣ୍ଡାବାଇ ଗ୍ରାମ ପଞ୍ଚାୟତ ଅଧୀନ ଏମ୍‌ଭି-୭୯ ଅଞ୍ଚଳରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଜଳଛତ୍ର ଖୋଲାଯାଇ ନଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏମ୍‌ଭି-୭୯ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାପ୍ତାହିକ ହାଟ ରହିଥିବା ବେଳେ ପ୍ରତିଦିନ ଶତାଧିକ ଲୋକଙ୍କ ସମାଗମ ହେଉଛି। ତେବେ ଗ୍ରୀଷ୍ମ ଋତୁରେ ଲୋକଙ୍କ ପାଇଁ ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇ ନଥିବାରୁ ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ବ୍ଲକର ଅନେକ ପଞ୍ଚାୟତରେ ଦୁଇରୁ ତିନି ବର୍ଷ ତଳେ ସ୍ଥାପିତ ୱାଟର କୁଲର୍ ଓ ପାନୀୟ ଜଳ ପଏଣ୍ଟ ଏବେ ମଧ୍ୟ କାର୍ଯ୍ୟକ୍ଷମ ରହିଥିବା ବେଳେ ତଣ୍ଡାବାଇ ପଞ୍ଚାୟତରେ ସ୍ଥାପିତ ଦୁଇଟି ପାନୀୟ ଜଳ ପଏଣ୍ଟ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଏହି ପଏଣ୍ଟଗୁଡ଼ିକ ସ୍ଥାପନା ଦିନଠାରୁ ଜଳ ବିଶୁଦ୍ଧିକରଣ ପାଇଁ ଆବଶ୍ୟକ ଆକ୍ୱାଗାର୍ଡ ବ୍ୟବସ୍ଥା ଠିକ୍ ଭାବେ କରାଯାଇ ନଥିଲା। ବଶେଷ କରି ଏମ୍‌ଭି-୭୯ ସାପ୍ତାହିକ ହାଟକୁ ଦୂରଦୂରାନ୍ତରୁ ଶତାଧିକ ଲୋକ ଆସୁଥିବା ବେଳେ ସେମାନଙ୍କ ପାଇଁ ପାନୀୟ ଜଳର କୌଣସି ବ୍ୟବସ୍ଥା ନ ଥିବା ଦୁଃଖଦ ବିଷୟ ବୋଲି ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି। ତେଣୁ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଅଚଳ ପାନୀୟ ଜଳ ପଏଣ୍ଟଗୁଡ଼ିକର ମରାମତି କରିବା ସହିତ ଆବଶ୍ୟକ ହେଲେ ନୂତନ ୱାଟର କୁଲର୍ ସ୍ଥାପନ କରି ଗ୍ରୀଷ୍ମ ଦିନରେ ସାଧାରଣ ଲୋକଙ୍କ ପାଇଁ ଶୁଦ୍ଧ ଓ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ସୁନା, ରୁପା ଗହଣା ସହ ମୂର୍ତ୍ତି ଚୋରି ଅଭିଯୋଗ

ଜୟପୁର,୩୧।୫(ସମିସ): ଜୟପୁର ସହରର ରାଜୁସାହିରେ ଏକ ବଡଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁଯାୟୀ ସ୍ଥାନୀୟ ରାଜୁସାହି ବାସିନ୍ଦା ନାରାୟଣ ନିଶଙ୍କ ଗତ ୨୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ନିଜ ପୈତୃକ ବାସଭବନକୁ ଯାଇଥିଲେ। ସେଠାରେ ମୁଖ୍ୟ କବାଟ ଖୋଲିବା ମାତ୍ରେ ଘରର ସମସ୍ତ ଭିତର କବାଟ ଓ ଆଲମିରା ଓ ପୂଜାଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଦୁର୍ବୃତ୍ତ ମାନେ ଘର ପାଖର୍ରୁ କାନ୍ଥ ଉପରେ ଚଢି ଭିତରକୁ ପ୍ରବେଶ କରିବା ସହିତ ସୁନା ଓ ରୁପା ଅଳଙ୍କାର, ପୂଜାଘରର ଦେବାଦେବୀ ମୂର୍ତ୍ତି, ପିତ୍ତଳ ଏବଂ ରୁପା ବାସନ କୁସନ ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ତାଙ୍କର ପ୍ରାୟ ୩୫ ତୋଳା ସୁନା ଅଳଙ୍କାର, ୨୦ କିଲୋରୁ ଊର୍ଦ୍ଧ୍ୱ ରୂପା ମୂର୍ତ୍ତି, ବାସନକୁଶ ଏବଂ ପିତ୍ତଳ ମୂର୍ତ୍ତି ରହିଥିବା ଲକ୍ଷାଧିକ ଟଙ୍କାର ଏହି ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିବା ନେଇ ଇଜଣାପଡଛି। ଏନେଇ ଅଭିଯୋଗକାରୀ ଶ୍ରୀ ନିଶଙ୍କ ଜୟପୁର ଟାଉନଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ମାମଲା ରୁଜୁ କରିବା ସହିତ ତଦନ୍ତ ଆରମ୍ଭ କରିଛି।

# ମାଟାମପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ଲମତାପୁଟ,୩୧।୫(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ମାଟାମପୁଟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆଜି ଦିନ ୧୧ଟା ୩୦ ମି ସମୟରେ ଯୁକ୍ତ ଦୁଇ ପରୀକ୍ଷା-୨୦୨୬ରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କ ସମ୍ମାନରେ ଏକ ସ୍ୱାଗତ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଶିବାନୀ ମୁଦୁଲି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ରାମଚନ୍ଦ୍ର ମାଣ୍ଡି, ପିଏସ୍‌ଏସ୍ ସଭାପତି ଉରେନ୍ଦ୍ର ନାୟକ, ସହଯୋଗୀ ଲଳିତ ଖିନବୁଡିଙ୍କ ସମେତ ପୁରାତନ ଓ ନୂତନ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପୂର୍ବତନ ରାଜନୀତି ବିଜ୍ଞାନ ଅଧ୍ୟାପକ ମଧୁସୁଦନ ଖିଲ ମଞ୍ଚ ପରିଚାଳନା କରିଥିଲେ। ୧୧୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୫ ଜଣ ଏବଂ ୬୯ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ମୋଟ ୧୫ ଜଣ ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ସିଲ୍ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୀମାଞ୍ଚଳ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରି ବିଦ୍ୟାଳୟର ସଫଳତା ଉପରେ ଆଲୋକପାତ କରିଥିଲେ।

# ଭୋଜନାଥ ଗଣ୍ଡ ସାଂସଦ ପ୍ରତିନିଧି ମନୋନୀତ

ଉମରକୋଟ,୩୧।୫ (ସମିସ): ଉମରକୋଟ ବ୍ଲକର ଜୋନ ୨ର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଭୋଜନାଥ ଗଣ୍ଡଙ୍କୁ ନବରଙ୍ଗପୁର ଲୋକସଭା ସଦସ୍ୟ ବଳଭଦ୍ର ମାଝୀ ଉମରକୋଟ ବ୍ଲକ ପ୍ରତିନିଧି ଭାବରେ ମନୋନୀତ କରିଛନ୍ତି। ସାଂସଦ ଉମରକୋଟ ବିଡିଓଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଉମରକୋଟ ବ୍ଲକ୍ ଅନ୍ତର୍ଗତ ସିର୍ଲିଗୁଡା ଗ୍ରାମର ଭୋଜନାଥ ଗଣ୍ଡ ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହେଇଥିଲେ। ସେ ଏଥିପୂର୍ବରୁ ବିଜେପି ମଣ୍ଡଳ ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ବର୍ତ୍ତମାନ ଭଜନଥ ଖାଣ୍ଡା ଗ୍ରାମ ମଣ୍ଡଳର ପ୍ରଭାରୀ ଓ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ସାଂସଦ ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ଭଜନାଥ ସାଂସଦ ବଳଭଦ୍ର ମାଝୀ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଧନ୍ୟବାଦ ଜଣାଇଛନ୍ତି।



# ମାର୍କଫେଡ୍ ପକ୍ଷରୁ ଚାଷୀଙ୍କୁ ସଚେତନତା

ବୈପାରୀଗୁଡ଼ା,୩୧।୫(ସମିସ): ଓଡ଼ିଶା ରାଜ୍ୟ ସମବାୟ ବିପଣନ ସଂଘ ତଥା ମାର୍କଫେଡ଼ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯାଉଛି । ଚାଷୀ ମାନେ ବିକ୍ରି ପାଇଁ ନାଫେର୍ଡ ଇ-ସମୃଦ୍ଧି ପର୍ଟକ୍ଷଲ ଓ ମୋବାଇଲ ଆପ ଜରିଆରେ ଚାଷୀ ସ୍ୱୟଂ ପଞ୍ଜୀକରଣ କରିପାରିବେ ବୋଲି ଘୋଷଣା କରାଯାଇଛି ।ଆଜି ବୈପାରୀଗୁଡା ସହର ସମତ ବିଭିନ୍ନ ସ୍ଥାନରେ ମାର୍କଫେଡ଼ ତରଫରୁ ୩ ଚକିଆ ଅଟ ସାହାଯ୍ୟରେ ଜନସାଧାରଣଙ୍କୁ ସୂଚନା ପ୍ରଦାନ କରାଯାଇଛି। ରବି ୨୦୨୫-୨୬



ପିଏସଏସ ଯୋଜନାରେ ଡାଲି ଜାତୀୟ ଏବଂ ତୈଳବୀଜ ବିକ୍ରୟ ପାଇଁ ସ୍ୱୟଂ ପୁଞ୍ଜି କରଣ ମୋବାଇଲ ଆପ୍ ବ୍ୟବହାର ପାଇଁ କୁହାଯାଇଛି । ସରକାରୀ ଦ୍ୱାରା ଘୋଷିତ (ଏମ୍‌ଏସପି ) ସର୍ବନିମ୍ନ ସରକାରୀ ସହାୟତା ମୂଲ୍ୟରେ ସମାନଙ୍କର ନିକଟତମ ମଣ୍ଡିରେ ଏବଂ ନାଫେର୍ଡର ସ୍ୱୟଂ ପୁଞ୍ଜିକରଣ (ଇ-ସମୃଦ୍ଧି ) ଆପ୍‌ରେ ପୁଞ୍ଜିକୃତ କରାଇପାରିବେ। ଜିଲ୍ଲା ପ୍ରଶାସନ ସ୍ତରୀକୃତ ନିକଟତମ ମଣ୍ଡିରେ ( ପିଏସିଏସ, ଲ୍ୟାମ୍ପସ, ଏଫପିଓଏସ, ଏସଏଚଜି ) ବିକ୍ରୟ କରିବାକୁ ସକ୍ଷମ ହେବେ ବୋଲି ମାର୍କଫେର୍ଡ ତରଫରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସୂଚନା ଦିଆଯାଇଛି।

# ଛତିଶଗଡ଼ରୁ ଚୋରି ସାର ଓଡ଼ିଶାରେ ଜବତ





ରାଇଘର, ୩୧।୫ (ସମିସ) : ଛତିଶଗଡ଼ରୁ ଚୋରି ହୋଇଥିବା ୧୬୨ ବସ୍ତା ସାର ଓଡ଼ିଶାର ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର କେପିକୋଙ୍ଗା ଗାଁରେ ଜବତ ହୋଇଛି। ସୂଚନା ଅନୁଯାୟୀ, ଛତିଶଗଡ଼ର ବିଶ୍ରାମପୁରି ଥାନା ଅନ୍ତର୍ଗତ ଲିହାଗାଁ ଲ୍ୟାମ୍ପସରୁ ଗତ ୧୭ ଓ ୧୮ ତାରିଖ ମଧ୍ୟରେ ୧୬୨ ବସ୍ତା ସାର ଚୋରି ହୋଇଥିଲା। ଏନେଇ ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କ ଅଭିଯୋଗ ପରେ ବିଶ୍ରାମପୁରି ପୋଲିସ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ମିଳିଥିବା ସୂଚନା ଆଧାରରେ ଓଡ଼ିଶାର କୁନ୍ଦେଇ ପୁଲିସଙ୍କ ସହଯୋଗରେ ନବରଙ୍ଗପୁର ଜିଲ୍ଲାର କେପିକୋଙ୍ଗା ଆଦିବାସୀ ଗ୍ରାମରେ ଚଢ଼ଉ କରିଥିଲେ। ସେହିଠାରୁ ଚୋରି ହୋଇଥିବା ସମସ୍ତ ସାର ଜବତ ହେବା ସହ ପ୍ରେମଲାଲ ଗଣ୍ଡ, ସନ୍ତୁ ଗଣ୍ଡ ଏବଂ ପ୍ରେମ ଗଣ୍ଡଙ୍କୁ ଗିରଫ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଚାଷ ଋତୁରେ ସାରର ଅଭାବର ସୁଯୋଗ ନେଇ କିଛି ଅସାଧୁ ବ୍ୟକ୍ତି ଚୋରି ଓ ଚୋରାଚାଲାଣ ଭଳି ବେଆଇନ କାରବାରରେ ସକ୍ରିୟ ହୋଇଛନ୍ତି। ଅଧିକ ଦରରେ ସାର ବିକ୍ରି କରି ଲାଭ ହାସଲ କରିବା ଉଦ୍ଦେଶ୍ୟରେ ଏହି ପ୍ରକାର କାମ କରୁଥିବା ସନ୍ଦେହ କରାଯାଉଛି। ଘଟଣା ପରେ ସୀମାନ୍ତ ଅଞ୍ଚଳରେ ସାର ଚୋରାଚାଲାଣ ଓ କଳାବଜାରୀକୁ ନେଇ ଚର୍ଚ୍ଚା ଜୋର ଧରିଛି। କୃଷକ ସଂଗଠନମାନେ ସାର ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଏବଂ ସୁଦୃଢ଼ କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା ପଦକ୍ଷେପ ଦାବି କରିଛନ୍ତି। ବର୍ତ୍ତମାନ ଛତିଶଗଡ଼ ଓ ଓଡ଼ିଶା ପୋଲିସ ମିଳିତ ଭାବେ ତଦନ୍ତ ଜାରି ରଖିଛନ୍ତି।

## ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ତେନ୍ତୁଲିଖୁଣ୍ଟି ୩୧।୫(ସମିସ):

ନବରଙ୍ଗପୁର ଜିଲ୍ଲା ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିନୟ କୁମାର ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ଅଧ୍ୟାପିକା ପଲ୍ଲିଶ୍ରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତଥା ଅଧ୍ୟାପକ ଶ୍ରୀ ବେହେରାଙ୍କୁ ୩୪ ବର୍ଷ ଧରି ବିଦ୍ୟାଳୟ ପ୍ରତି ଅବଦାନକୁ ସ୍ମରଣ କରି ମାନପତ୍ର ସହ ଉପଢୌକନ ଏବଂ ଫୁଲତୋଡ଼ା ଦେଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ସହଧର୍ମିଣୀ ସସ୍ମିତା ବେହେରା, ଡ. ରଞ୍ଜନ କୁମାର ସ୍ୱାଇଁ, ବିମଳ କୁମାର ବେହେରା, ମନୋଜ କୁମାର ରଥ, ବ୍ରଜ କିଶୋର ରଥ , ନିଶିତ୍ କୁମାର , ବସୁନ୍ଧରା ବେହେରା , ଅଧ୍ୟାପିକା ପ୍ରିୟଦର୍ଶିନୀ ନାହାକ, ନିଶାମଣି ମାଝୀ, ମନୋଜ କୁମାର ଦାସ, ଗଙ୍ଗାଧର ପାଢ଼ୀ, ସୁବ୍ରତ ପଟ୍ଟନାୟକ, ଭାସ୍କର ନାହାକ, ପଙ୍କଜ ବେନିଆ, ଦାମୋଦର ନାୟକ, ପ୍ରଶାନ୍ତ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ନିଶା ଇଞ୍ଜେକ୍ସନ କାରବାର: ୫ ଗିରଫ

ଜୟପୁର, ୩୧।୫ (ସମିସ):



କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନା ପୁଲିସ ବେଆଇନ ନିଶା ଇଞ୍ଜେକସନ କାରବାର ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ପ୍ରାୟ ୪୦ ହଜାର ଟଙ୍କାର ୭୫୦ଟି ଇଞ୍ଜେକ୍ସନ, ଗୋଟିଏ କାର ଏବଂ ନଗଦ ୧୫ ହଜାର ଟଙ୍କା ଏବଂ ୫ଟି ମୋବାଇଲ ଜବତ କରାଯାଇଛି । ଟାଉନଥାନା ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିତ୍ତଲ କହିଛନ୍ତ. ଗିରଫ ଅଭିଯୁକ୍ତ ଜୟପୁର ଟାଉନଥାନା ସୌରା ସାହିର ଦେବାଶିଷ ପଟ୍ଟନାୟକ (୨୯), ପାରାବେଡାର ତାପସ ସାହୁ (୨୯), ଡଙ୍ଗାଗୁଡାର ରାମ ହରିଜନ (୩୪), ଖ୍ରୀଷ୍ଟିଆନ ସାହିର ପ୍ରଦୀପ ଖରା ଓରଫ ରୋନି (୨୫), ପୁରୁଣାଗଡର ସୂରଜ କୁମାର ଗୁପ୍ତା ଓରଫ ସୋନୁ(୨୯) ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛ। ଏହିପରି ବେଆଇନ ନିଶା ଇଞ୍ଜେକସନ କାରବାରରେ ଅଭିଯୁକ୍ତ ସୂରଜ ଏବଂ ରାମକୁ ଗତବର୍ଷ ଟାଉନ ଥାନା ପୁଲିସ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତଙ୍କ ମାନଙ୍କ ନିକଟରୁ ପ୍ରାୟ ୪୦ ହଜାର ଟଙ୍କାର ୧୫ଟି ପ୍ୟାକେଟରେ ୭୫୦ଟି ଇଞ୍ଜେକସନ ଯାହା ଦାମ ପ୍ରାୟ ୪୦ ହଜାର ଟଙ୍କା, ଗୋଟିଏ କାର (ଓଡି ୧୦କେ ୮୭୭୭)୫ଟି ମୋବାଇଲ ଫୋନ ଏବଂ ୧୫ ହଜାର ଟଙ୍କା ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଗତ ବିଳମ୍ବିତ ରାତିରେ ଗାନ୍ଧିଛକରୁ ଗଡପଦର ରାସ୍ତା କେନାଲ ରୋଡର ସଂଧ୍ୟା ଫଙ୍କସନ ହଲ ନିକଟରେ ନିଶା ଇଞ୍ଜେକେସନ କାରବାର ନେଇ କିଛି ଦୁର୍ବୃତ ରହିଥିବା ସୂଚନା ପାଇବା ପରେ ଟାଉନ ଥାନା ପୁଲିସ ପକ୍ଷରୁ ଚଢଉ କରିଥିଲା। ସେଠାରେ ୬ଜଣଙ୍କୁ ପୁଲିସ ଦେଖିବା ପରେ ସେମାନଙ୍କୁ କାବୁ କରିବାକୁ ପ୍ରୟାସ କରୁଥିବା ବେଳେ ଜଣେ ଫେରାର ହୋଇଥିବା ବେଳେ ଅନ୍ୟ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ

### ୭୫୦ ଇଞ୍ଜେକ୍ସନ ସମେତ ୧୫ ହଜାର ଜବତ

ସଫଳ ହୋଇଥିଲେ। ସେଠାରୁ ଜବତ କାର ମଧ୍ୟରୁ ୧୫ ପ୍ୟାକେଟ ବେଆଇନ ନିଶା ଇଞ୍ଜେକସନ ଜବତ କରିଥିଲେ। ଏହିପରି ଅଭିଯୁକ୍ତ ମାନେ ଏହା କେଉଁଠାରୁ ଆଣିଥିଲେ ଏବଂ କାହାକୁ ବିକ୍ରି କରୁଛନ୍ତି। ଏହାର ତଦନ୍ତ ଜାରୀ ରହିଛି। ଉକ୍ତ ୫ ଜଣଙ୍କ ମଧ୍ୟରୁ କେତେକ ବିକ୍ରେତା ରହିଥିବା ବେଳେ ଅନ୍ୟ କେତେଜଣ କ୍ରେତା ରହିଛନ୍ତି। ଜୟପୁର ଏହି ନିଶା ଇଞ୍ଜେକସନ କାରବାର ପେଣ୍ଠ ସ୍ଥଳୀ ପାଲଟିଥିବା ବେଳେ ଏଠାରୁ ସୁନାବେଢା, କୋରାପୁଟ, ସେମିଳିଗୁଡା ଏବଂ ଆଖପାଖ ଗ୍ରାମ ଓ ସହରକୁ ବିକ୍ରି ନେଇ ପଠାଯାଉଛି ଏବଂ ପୁଲିସ ପକ୍ଷରୁ ଏକ ପୁଲିସ ଦଳ ଗଠନ କରାଯାଇ ଏହାର ମୁଖ୍ୟ ଯୋଗାଣକାରୀ ଏବଂ ବିକ୍ରେତାକୁ ଧରିବା ନେଇ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ଏହି ଇଞ୍ଜେକନସକୁ ଡାକ୍ତର ମାନେ ଅସ୍ତ୍ରୋପଚାର ବେଳେ ନିଶ୍ଚେତକ ପାଇଁ ବ୍ୟବାହାର କରୁଛନ୍ତି। କିନ୍ତୁ ଅସାଧୁ ନିଶା କାରବାରରେ ଲିପ୍ତ ମାଫିଆ ମାନେ ଏହାକୁ ଯୁବପୀଢିଙ୍କୁ ବିକ୍ରି କରିବା ସହିତ ନିଶା ପାଇଁ ବ୍ୟବହାର କରୁଥିବା ନେଇ ଏସଡିପିଓ କୁମାରୀ ମିତ୍ତଲ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏବଂ ତଦନ୍ତାକାରୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହଂସଦା ଉପସ୍ଥିତ ରହିଥିଲେ।

# ଏସ୍ଆଇଆର ପାଇଁ ଡଙ୍ଗରିଆ କନ୍ଧଙ୍କୁ ଫର୍ମ ବଣ୍ଟନ

ରାୟଗଡ଼/ବିଷମ କଟକ୩୧।୫(ସମିସ):



ରାୟଗଡ଼ ଜିଲ୍ଲାର ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ପିଭିଟିଜି ସମ୍ପ୍ରଦାୟର 'ଡଙ୍ଗରିଆ କନ୍ଧ' ଲୋକଙ୍କୁ ଗଣତନ୍ତ୍ରର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ ରାୟଗଡ଼ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ୧୩୯-ବିଷମକଟକ (ଏସ୍‌ଟି) ବିଧାନସଭା ନିର୍ବାଚନମଣ୍ଡଳୀର ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଇଆରଓ) ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମଅନ୍ତର୍ଗତ ବିଷମକଟକ ବ୍ଲକର ନିୟମଗିରି ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆ କନ୍ଧ ପିଭିଟିଜି ସମ୍ପ୍ରଦାୟଙ୍କ ନିକଟରେ ପହଞ୍ଚି ଏନ୍ୟୁମେରେସନ ଫର୍ମ (ଏଏଫ) ବଣ୍ଟନ କରାଯାଇଛି। ସମାଜର ପ୍ରତ୍ୟେକ ବର୍ଗର ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସାମିଲ କରିବା ଉଦ୍ଦେଶ୍ୟରେ ଆଜି ୧୩୯-ବିଷମକଟକ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏଇଆରଓ-କମ୍-ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, ଜିପିଡିଓ ସୁଦୀପ କୃଷ୍ଣ ବେହେରା, ବିଏଲଓ ସୁପରଭାଇଜର ହରିଦାସ ବାଥ୍ରା, ପାର୍ଟ ନଂ୯୩ ଓ ୯୪ର ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଉମେଶ ପେଦେଣ୍ଟି ଏବଂ ଭୀମ କୌଶଲ୍ୟା ନିୟମଗିରିର ଦୁର୍ଗମ ଡୋଙ୍ଗରିଆ କନ୍ଧ ବସତିଗୁଡ଼ିକ ପରିଦର୍ଶନ କରିଥିଲେ। ଏହି ଅବସରରେ ଯୋଗ୍ୟ ମତଦାତାଙ୍କୁ ଏନ୍ୟୁମେରେସନ ଫର୍ମ ବଣ୍ଟନ କରାଯିବା ସହିତ ସ୍ୱତନ୍ତ୍ର ନିବିଡ଼ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଯାଇଥିଲା। ଦୁର୍ଗମ ଭୌଗୋଳିକ ପରିସ୍ଥିତି ସତ୍ତ୍ୱେ କୌଣସି ଯୋଗ୍ୟ ମତଦାତା ଯେପରି ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିବେ ନାହିଁ, ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରୟାସ ଜାରି ରହିଛି। ରାୟଗଡ଼ ଜିଲ୍ଲା ପ୍ରଶାସନର ଏହି ସ୍ୱିପ୍ ପଦକ୍ଷେପ ମାଧ୍ୟମରେ ଆଦିବାସୀ ଓ ପିଭିଟିଜି ସମ୍ପ୍ରଦାୟ ସମେତ ସମାଜର ସମସ୍ତ ବର୍ଗଙ୍କୁ ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ କରିବା ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ କରାଯାଇଛି।

## ୨ କାଜୁ ମିଲ ମାଲିକଙ୍କୁ ମାଡ଼ ମାରି ସୁନା, ଟଙ୍କା ଲୁଟ୍

ଜୟପୁର, ୩୧।୫ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ବ୍ଲକର କେବଡି ଗ୍ରାମପଞ୍ଚାୟତରେ ଜଗତ୍ ଜନନୀ କାଜୁ ମିଲର ଦୁଇ ମାଲିକ ଗତ ରାତି ୮ ସମୟରେ କାଜୁ ମିଲକୁ ବନ୍ଦ କରିବା ପରେ ବାଇକ ଯୋଗେ ଜୟପୁରସ୍ଥିତ ଘରକୁ ଫେରୁଥିବା ବେଳେ କେବିଡି ଗ୍ରାମ ଏବଂ ବିଜେ-୨ ଗ୍ରାମ ରାସ୍ତାର ଦଣ୍ଡସେନା ଗୁଡା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ଜଣ ମୁଖାଧାରୀ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ମାଡ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ଆରମ୍ଭ ହୋଇଛି। ପୁଲିସ ସୂଚନା ଅନୁଯାୟୀ, ଦୁଇ କାଜୁ ମାଲିକ ଜୟପୁର ସହରର ଦାଶରୀ ସାହିର କେ. ଅମରନାଥ ଲିଖିତ ଅଭିଯୋଗ କରିଛନ୍ତି ଯେ, ସେ ଏବଂ ତାଙ୍କ ବ୍ୟବସାୟୀ ସହଯୋଗୀ ଜୟପୁର ସହର ଭୂପତି ସାହିର ଏସ. ବୈକୁଣ୍ଠ ନିଜ ନିଜ ବାଇକ୍‌ରେ ମିଶି ଘରକୁ ରାତିରେ ଫେରୁଥିବା ବେଳେ ରାସ୍ତାରେ ୫ଜଣ ମୁଖାଧାରୀ ସେମାନଙ୍କୁ ଅଟକାଇ ମାଡ ମାରିଥିଲେ। ଏହିପରି ଅମର ନାଥ ପିନ୍ଧି ବେକର ସୁନା ଚେନ, ସୁନାମୁଦି ଏବଂ ୨ ହଜାର ଟଙ୍କା ଲୁଟି ନେଇଥିଲେ ଏବଂ ତାଙ୍କ ସହଯୋଗୀଙ୍କ ଠାରୁ ମଧ୍ୟ ୨ ହଜାର ଟଙ୍କା ଲୁଟି ନେଇଥିଲେ। ଏହିପରି ଅଭିଯୁକ୍ତ ମାନେ ସେଠାରୁ ଚମ୍ପଟ ମାରିଥିଲେ। ଦୁଇ କାଜୁ ବ୍ୟବସାୟୀ ସେଠାରୁ ଫେରି ଟାଉନଥାନାରେ ରାତିରେ ଏତଲା ଦେଇଥିଲେ। ଏଥିନେଇ ସଦରଥାନା ପୁଲିସ ଏକ ମାମଲା (୧୭୫/୨୬) ରୁଜୁ କରିବା ସହିତ ଆଜି ଠାରୁ ତନନ୍ତ ଆରମ୍ଭ କରିଛନ୍ତି ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଏହି ମାମଲାର ତଦନ୍ତ ଅଧିକାରୀ ଭାବେ ଏସ.ଆଇ ସିରିଶ ମହାପାତ୍ର ଆଜି ପୂର୍ବାହ୍ନରୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

■ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

## ମାଗଣା ଦନ୍ତ ଚିକିତ୍ସା ଶିବିର



ଜୟପୁର,୩୧।୫(ସମିସ): ଭାରତୀୟ ଦନ୍ତ ଚିକିତ୍ସକ ସଂଘ ପକ୍ଷରୁ ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ମୁଖ୍ୟ ରାସ୍ତାରେ ଥିବା ଟ୍ରାଫିକ ପୁଲିସ ଫାଣ୍ଡି ପରିସରରେ ଏକ ନିଶୁଳ୍କ ଦନ୍ତ ଚିକିତ୍ସା ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ପୁଲିସ କର୍ମଚାରୀଙ୍କ ସମେତ ୧୫୦ରୁ ଅଧିକ ଲୋକ ନିଶୁଳ୍କ ସେବାର ସୁଯୋଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିତ୍ତଲ ଏବଓ ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସହଯୋଗ କରିଥିଲେ। ଏହି ଶିବିରରେ ଦାନ୍ତ ଡାକ୍ତରସଂଘର ବରିଷ୍ଠ ସଦସ୍ୟ ଡା. ଅଶୋକ କୁମାର ଦାସ, ସଭାପତି ଡା.ରୂପେଶ କୁମାର ବେହୁରିଆ, ଉପସଭାପତି ଡା.ସିଦ୍ଧାନ୍ତ ନାୟକ,ଡା. ଅମିତ ଦାସ, କୋଷାଧ୍ୟକ୍ଷ ଡା.ଦେବରାହନ ବିଷୋୟୀ, ଡା.ଏସ ନାରାୟଣ, ଡା. ରିଚାର୍ଡ ଆଶା, ଡା.ନିଗମାନନ୍ଦ ବେହେରା, ଡା.ଅଶୋକ କୁମାର ଦାସ, ଡା.ଏସ.ପୂଜା, ଡା. ଶୁଭଶ୍ରୀ ଡାକୁଆ, ଡା. ସୁଚିତ୍ରା ପ୍ରମୁଖ ଭାରତୀୟ ଦନ୍ତ ଚିକିତ୍ସକ ସଓଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

ଜୟପୁର,୩୧।୫(ସମିସ): ଜୟପୁର ଟାଉନ୍ ଥାନାର ଭରତୀୟ ଜୀବନ ବୀମା ନିଗମ(ଏଲଆଇସି) କାର୍ଯାଳୟ ନିକଟରେ ୨୬ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇ ବିଶାଖାପାଟଣା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ଜୟପୁର ସଦରଥାନା ଏକମ୍ବା ଗ୍ରାମର ଜଗଦୀଶ ପାଣିଗ୍ରାହୀ (୫୦) । ପୁଲିସ ସୂଚନା ଅନୁଯାୟୀ ଗତକାଲି ରାତ୍ର ପ୍ରାୟ ସାଢେ ୮ଟା ସମୟରେ ସ୍ଥାନୀୟ ଏଲଆସି କାର୍ଯ୍ୟାଳୟ ନିକଟରେ ସହରରୁ ନିଜ ଗ୍ରାମକ ଗୁରତର ଜଗଦିଶା ବାଇକ୍ ଯୋଗେ ଫେରୁଥିବା ବେଳେ ସମ୍ମୁଖରେ ଏକ ବାଇକ୍ ହଠାତ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ଗୁରୁତର ବାଇକ ଚାଳକ ଜଗଦୀଶ ରାସ୍ତା ଉପରକୁ ଛିଟିକି ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହିତ ପ୍ରଥମେ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଗୁରୁତର ରହିଥିବା ଯୋଗୁଁ ତାଙ୍କୁ ପ୍ରଥମେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା କରିବା ପରେ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଯୋଗୁଁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୁଣ୍ଡରେ ଏବଂ ଛାତି ହାଡ ଭାଙ୍ଗି ଯାଇଥିବା ଯୋଗୁଁ ତୁରନ୍ତ ଅପରେସନ କରାଯାଇଥିଲା

# ଭାରତୀୟ ମଜଦୁର ସଂଘର ବୈଠକ




ରାୟଗଡ,୩୧।୫(ସମିସ): ରାୟଗଡ ଜିଲ୍ଲା ଭାରତୀୟ ମଜଦୁର ସଂଘ (ବିଏମଏସ) ର ଜିଲ୍ଲା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାୟଗଡ ସହରର ରାଣିଗୁଡା ଫାର୍ମ ଠାରେ ଜିଲ୍ଲା ସଭାପତି ମହନ ରାଓ ମାଝି, ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ପ୍ରଭାରୀ ବିଶ୍ୱରଞ୍ଜନ ସାହା ଯୋଗ ଦେଇ ଚଳିତ ମାସ ୨୧ ତାରିଖ ଦିନ ହେବାକୁ ଥିବା ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ମିଳନୀ ସହ ନୂତନ କର୍ମକର୍ତ୍ତା ଚୟନ କରାଯିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ରାୟଗଡ ଜିଲ୍ଲାରେ ଭାରତୀୟ ମଜଦୁର ସଂଘକୁ ପଞ୍ଚାୟତ ଏବଂ ବ୍ଲକ୍‌ସ୍ତରରୁ କେନ୍ଦ୍ର ପର୍ଯ୍ୟନ୍ତ କିଭଳି ସଂଗଠନକୁ ବିସ୍ତାର ଓ ମଜଭୁତ କରାଯିବ ତା'ପାଇଁ ପ୍ରସ୍ତୁତି କରାଯାଇଥିଲା। ବିଭିନ୍ନ ସଂଗଠନର ସମସ୍ୟା ଦାବି ଗୁଡିକକୁ କିଭଳି ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ଆଲୋଚନା କରାଯାଇ ତାହାର ସମାଧାନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଅଲ୍ ଓଡିଶା ଅଙ୍ଗନବାଡି ଲେଡିଜ୍ ୱାର୍କର ଆସୋସିଏସନ, ଓଡିଶା ରାଜ୍ୟ ଆଶା କର୍ମୀ ସଂଘ, ଓଡ଼ିଶା ରାଜ୍ୟ ହସ୍ପିଟାଲ କର୍ମଚାରୀ ସଂଘ , ଓଡିଶା ପାଚିକା ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଓଡିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ଜେକେ ପେପର ମଜଦୂର ସଂଘ, ଉତ୍କଳ ଆଲୁମିନା ଠିକା ମଜଦୂର ସଂଘ , ଇମ୍ପା ଠିକା କର୍ମଚାରୀ ସଂଘ, ରାୟଗଡ ପରିବା ବ୍ୟବସାୟ ମଜଦୂର ସଂଘ , ରାୟଗଡ ସଫେଇ ମଜଦୂର ସଂଘ, ରାୟଗଡ ଜିଲ୍ଲା ରାଜ ମିସ୍ତ୍ରି ସଂଘ ସହ ୧୧ଟି ବ୍ଲକର ନେତୃବୃନ୍ଦ ଏବଂ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଶେଷରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଧର୍ମ ସିଂ ନାଗ , ଦୁର୍ଗା ମାଧବ ଘୋଷ , ଉଷାରାଣୀ ଦାଶ , ଗୀତାଞ୍ଜଳି ହାିଆଲ, ତମାଳ ସାହୁକାର , କସ୍ତୁରୀ ନାୟକ , ସୂର୍ଯ୍ୟକାନ୍ତି ହରିଜନ, ସୁରେଶ ଚନ୍ଦ୍ର ସାହୁ, ଗୋବିନ୍ଦ କଣ୍ଡଗିରୀ ଓ ପରମେଶ୍ୱର ହିପୀରିକା ପରିଚାଳନା କରିଥିଲେ।

## ବିଧାୟକଙ୍କ ରାଜପୁଟ ପଞ୍ଚାୟତ ଗସ୍ତ



ସେମିଳିଗୁଡା, ୩୧।୫ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ରାଜପୁଟ ଗ୍ରାମପଞ୍ଚାୟତକୁ ପଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ରବିବାର ଗସ୍ତ କରି ଚନ୍ତି। ପଞ୍ଚାୟତ ଅନ୍ତର୍ଗତ ସାନବଡ଼ିଗାଁ ଗ୍ରାମରେ ନିର୍ମାଣାଧୀନ ଖେଳ ପଡ଼ିଆ ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଯୁବପିଢ଼ୀଙ୍କ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ଏହି ଖେଳ ପଡ଼ିଆକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ନିମନ୍ତେ ଆର୍ଥିକ ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ମଣ୍ଡଳୀର ଖେଳ ଓ ଖେଳାଳୀଙ୍କ ଉନ୍ନତି ପାଇଁ ପ୍ରୟାସ ସଦା ଜାରି ରହିବ ବୋଲି ବିଧାୟକ କାଡାମ ସୂଚନା ଦେଇଛନ୍ତି। ବିଧାୟକଙ୍କ ସହ ସେମିଳିଗୁଡା ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟା ବିରିଆ, ରାଜପୁଟ ସରପଞ୍ଚ ପୀତାମ୍ବର କିର୍ଷଣୀ ପ୍ରମୁଖ ଯୋଗ ଦେଇଥିଲେ।

■ ରୁରାଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଯୁବରାଜପେଟା ଦଳ ବିଜୟୀ



ସେମିଳିଗୁଡ଼ା,୩୧।୫(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ ରାଜୁପୁଟ ପଞ୍ଚାୟତର ସାନବବିଙ୍ଗା ଗ୍ରାମର ୟୁଥ୍ କ୍ଲବ୍ ପକ୍ଷରୁ ଆୟୋଜିତ ରୁରାଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଯୁବରାଜପେଟା ଦଳ ବିଜୟ ହାଇଛି। ୧୫ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାରେ ବିଭିନ୍ନ ଅଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଯୁବରାଜପେଟା ଓ ମୁଖିବିଡେଇ ଦଳ ମଧ୍ୟରେ ମ୍ୟାଚ୍ ଚାଲିଥିଲା। ଟୁର୍ଣ୍ଣାମେଣ୍ଟରେ ଯୁବରାଜପେଟା ବିଜୟ ହାସଲ କରିଛି। ମୁଖିବିଡେଇ ରନର୍ସ ହୋଇଥିଲା। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟାଙ୍ଗି ବିଧାୟକ ତଥା ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜୁପୁଟ ସରପଞ୍ଚ ପୀତାମ୍ବର କିର୍ଷାନି, ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଅନନ୍ତ ଖିଲ କାଣ୍ଟିର ରାମା ରାଓ ଉପସ୍ଥିତ ଥିଲେ। ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସନୁ ମାଝୀ, ଘେନୁ ମାଝୀ, ନର୍ସିଙ୍ଗ ମୁର୍ଜା, ରାଜା ମାଝୀ, ସମରା ମାଝୀ, ଅଜୟ ମାଝୀ, ଲକ୍ଷ୍ମନ ମାଝୀ ଓ ବବେନ୍ଦ୍ର ମାଝୀ ସହଯୋଗ କରିଥିଲେ।

### ୧୪ ବର୍ଷରୁ କମ୍ ଅନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍

# ନବରଙ୍ଗପୁର ବାଳକ, ବାଳିକା ଦଳର ବ୍ରହ୍ମପୁର ଗସ୍ତ

ନବରଙ୍ଗପୁର,୩୧।୫(ସମିସ):



ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିଅମ ଠାରେ ୧ ଜୁନ୍ ଠାରୁ ଅନୁଷ୍ଠିତ ହେବାକୁ ଥିବା ୧୪ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ ଚାମ୍ପିଅନ୍‌ସିପ୍‌ରେ ଭାଗ ନେବା ନିମନ୍ତେ ଉଭୟ ନବରଙ୍ଗପୁର ଜିଲ୍ଲା ବାଳକ ଏବଂ ବାଳିକା ଦଳ ବ୍ରହ୍ମପୁର ଗସ୍ତ କରିଛନ୍ତ। ଏହି ଦଳର କୋଚ ଭାବେ ସପନ ବୈରାଗି, ଫିରୋଜ ହିଆଲ ଓ ଲାଲୁ ହରିଜନ ଦାୟିତ୍ୱ ନେଉଥିବା ବେଳେ ମେନେଜର ଭାବେ ଶଶାଙ୍କ ଶେଖର ବେହେରା ଏବଂ ଦୁର୍ଯ୍ୟ ହରିଜନ ଦାୟିତ୍ୱ ପ୍ରଦାନ କରାଯାଇଛି।। ଦଳର ସଫଳତା ନିମନ୍ତେ କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ.ବାଲା କୃଷ୍ଣ ରାଓ , ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, କ୍ରୀଡା ସମ୍ପାଦକ ଜିତେନ୍ଦ୍ର ପରିଛା, ଇଣ୍ଡୋର ସମ୍ପାଦକ କୃଷ୍ଣ ପଟ୍ଟନାୟକ, ହକି ସମ୍ପାଦକ ଦୁର୍ଗା ମଲିକ୍, ମହିଳା ସମ୍ପାଦିକା ଇଁ. ଚନ୍ଦନା ମଲ୍ଲିକ, କ୍ରିକେଟ୍ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ଅନ୍ୟ ସମସ୍ତ ସଦସ୍ୟ ମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଉଭୟ ଜିଲ୍ଲା ବାଳକ ଏବଂ ବାଳିକା ଦଳ କଳାହାଣ୍ଡି, ରାୟଗଡ଼ା ଗଜପତି ଓ କନ୍ଧମାଳ ଦଳ ସହ ଖେଳିବେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବାଳିକା ଦଳ ସକାଳ ବେଳେ ନିଜ ପ୍ରତିଯୋଗୀ ସହ ଖେଳିବା ବେଳେ ବାଳକ ମାନେ ଉପରବେଳା ଖେଳିବେ।

